**ଭାରତ ସଂଘ ଏବଂ ଅନ୍ୟମାନେ**

**ବନାମ**

**ରେଖା ମାଝୀ**

**ଏପ୍ରିଲ 6, 2000**

**[ଭି.ଏନ୍. ଖାରେ ଏବଂ ୱାଇ.କେ. ସଭରୱାଲ୍, ନ୍ୟାୟମୂର୍ତ୍ତିଦ୍ୱୟ]**

*ରେଳବାଇ ସେବା (ପେନସନ) ନିୟମାବଳୀ, 1993 ।*

*ନିୟମ 21 - ଏହାର ଉଦ୍ଦେଶ୍ୟ ଏବଂ ବ୍ୟାଖ୍ୟା ।*

*ପେନସନଭୋଗୀ – କର୍ମଚାରୀ - ଦୁଇଟି ମହଙ୍ଗା ସହାୟତା ପାଇବା ପାଇଁ ହକଦାର କି ନୁହେଁ - ଗୋଟିଏ ଦରମା ଉପରେ ଏବଂ ଅନ୍ୟଟି ପାରିବାରିକ ପେନସନ ଉପରେ ।*

*ରେଳ କର୍ମଚାରୀ – ମୃତ୍ୟୁ - ବିଧବା ପାରିବାରିକ ପେନସନ ପାଉଛନ୍ତି - ପରବର୍ତ୍ତୀ ସମୟରେ ଅନୁକମ୍ପାମୂଳକ ଭିତ୍ତିରେ ନିଯୁକ୍ତ - ନିର୍ଣ୍ଣୟ: ବିଧବା ଦୁଇଟି ମହଙ୍ଗା ଭତ୍ତା ପାଇବା ପାଇଁ ହକଦାର ନୁହଁନ୍ତି, ଗୋଟିଏ ଦରମା ଉପରେ ଏବଂ ଅନ୍ୟଟି ପାରିବାରିକ ପେନସନ ଉପରେ - ନିର୍ଣ୍ଣୟ: ନିୟମ 21 (ii) ର ଉଦ୍ଦେଶ୍ୟ ହେଉଛି ଯେ, ଜଣେ ପେନସନଭୋଗୀ ଯଦି ପୁନଃ-ନିଯୁକ୍ତି ଗ୍ରହଣ କରନ୍ତି, ତେବେ ସେ ଏକସଙ୍ଗେ ଦୁଇଟି ମହଙ୍ଗା ଭତ୍ତା ଉପଭୋଗ କରିପାରିବେ ନାହିଁ, ଅର୍ଥାତ୍ ଗୋଟିଏ ତାଙ୍କ ପେନସନ ଉପରେ ଏବଂ ଅନ୍ୟଟି ତାଙ୍କ ଦରମା ଉପରେ - "ପୁନଃ-ନିଯୁକ୍ତି" ଶବ୍ଦାବଳୀକୁ ଯଦି ନିୟମ ପଛରେ ଥିବା ଉଦ୍ଦେଶ୍ୟ ଏବଂ ଏହି ମାମଲାର ତଥ୍ୟ ଆଲୋକରେ ବ୍ୟାଖ୍ୟା କରାଯାଏ, ତେବେ ଏହା ସେବାରେ ପ୍ରଥମ ନିୟମିତ ନିଯୁକ୍ତିକୁ ମଧ୍ୟ ଅନ୍ତର୍ଭୁକ୍ତ କରିବ - ଉତ୍ତରଦାତାଙ୍କୁ ତାଙ୍କ ପାରିବାରିକ ପେନସନ ଉପରେ ମହଙ୍ଗା ଭତ୍ତା ପ୍ରଦାନ ନ କରିବା ଯଥାର୍ଥ ଥିଲା - ତେବେ ମାମଲାର ତଥ୍ୟ ଅନୁଯାୟୀ, ଉତ୍ତରଦାତାଙ୍କୁ ପ୍ରଦତ୍ତ ଅଧିକ ପେନସନ ରାଶିର ପୁନରୁଦ୍ଧାର ଆଇନଗତ ଏବଂ ନ୍ୟାୟିକ ଆଧାରରେ ଯଥାର୍ଥ ନୁହେଁ ।*

*ଭାରତ ସଂଘ ଏବଂ ଅନ୍ୟମାନେ ବନାମ ଜି. ବାସୁଦେବନ ପିଲ୍ଲେ ଏବଂ ଅନ୍ୟମାନେ,* **[1995] 2 SCC 32 ମାମଲା ଉପରେ ନିର୍ଭରଶୀଳତା ରଖାଯାଇଥିଲା ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 679/1997 ।

ମୂଳ ଆବେଦନ ସଂଖ୍ୟା 968/1994 ରେ କଲିକତାସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ 28.4.95 ର ରାୟ ଏବଂ ଆଦେଶର ବିରୁଦ୍ଧରେ ।

ଅପିଲକାରୀମାନଙ୍କ ପକ୍ଷରୁ ପ୍ରବୀଣ ସ୍ୱରୂପ, ଏ.କେ. ଶର୍ମା, ଶ୍ରୀମତୀ ରେଖା ପାଣ୍ଡେ ।

ଉତ୍ତରଦାତାଙ୍କ ପକ୍ଷରୁ ଆର୍.କେ. ଗୁପ୍ତା, ଏଚ୍.ଭି.ପି. ଶର୍ମା, ରାଜେଶ, ଏମ୍.କେ. ସିଂହ ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ଏହି ମାମଲାରେ ଉପୁଜିଥିବା ଏକମାତ୍ର ପ୍ରଶ୍ନ ହେଉଛି, ରେଳବାଇରେ ଅନୁକମ୍ପାମୂଳକ ଭିତ୍ତିରେ ନିଯୁକ୍ତି ପାଇବା ପରେ ମଧ୍ୟ ଉତ୍ତରଦାତା, ତାଙ୍କୁ ମିଳୁଥିବା ପାରିବାରିକ ପେନସନ ଉପରେ ମହଙ୍ଗା ଭତ୍ତା ପାଇବା ପାଇଁ ହକଦାର କି ନୁହେଁ ।

ଏହା ଅବିବାଦିତ ଯେ ଉତ୍ତରଦାତାଙ୍କ ସ୍ୱାମୀ ଜଣେ ରେଳ କର୍ମଚାରୀ ଥିଲେ ଏବଂ ସେ ଚାକିରି କାଳରେ ମୃତ୍ୟୁବରଣ କରିଥିଲେ । ଏହା ମଧ୍ୟ ଅବିବାଦିତ ଯେ ଉତ୍ତରଦାତାଙ୍କ ସ୍ୱାମୀଙ୍କୁ ମିଳିବାକୁ ଥିବା ପାରିବାରିକ ପେନସନ ସହିତ ଆନୁତୋଷିକ, ଭବିଷ୍ୟନିଧି ଏବଂ ଅନ୍ୟାନ୍ୟ ସମସ୍ତ ଅବସରକାଳୀନ ସୁବିଧା ତାଙ୍କୁ ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ, ରେଳବାଇ ଉତ୍ତରଦାତାଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରିଥିଲା । ଉତ୍ତରଦାତା ଜଣେ ରେଳ କର୍ମଚାରୀ ଭାବରେ ଦରମା ଏବଂ ପାରିବାରିକ ପେନସନ 25 ଜାନୁଆରୀ, 1994 ପର୍ଯ୍ୟନ୍ତ ପାଇ ଚାଲିଥିଲେ, ଯେତେବେଳେ ଜଣାପଡ଼ିଲା ଯେ ଉତ୍ତରଦାତା ଦୁଇଟି ମହଙ୍ଗା ଭତ୍ତା, ଅର୍ଥାତ୍ ଗୋଟିଏ ଦରମା ଉପରେ ଏବଂ ଅନ୍ୟଟି ପାରିବାରିକ ପେନସନ ଉପରେ, ପାଇବା ପାଇଁ ହକଦାର ନଥିଲେ । ପରିଣାମସ୍ୱରୂପ, ଅପିଲକାରୀମାନେ ମହଙ୍ଗା ଭତ୍ତା କାଟିବା ପରେ ଉତ୍ତରଦାତାଙ୍କ ପାରିବାରିକ ପେନସନକୁ ପୁନଃ-ନିର୍ଦ୍ଧାରଣ କରିଲେ ଏବଂ ପାରିବାରିକ ପେନସନ ଉପରେ ତାଙ୍କୁ ପ୍ରଦତ୍ତ ମହଙ୍ଗା ଭତ୍ତା ରାଶିର ପୁନରୁଦ୍ଧାର ପାଇଁ ଆଦେଶ ଜାରି କରିଲେ । ଏହି ଆଦେଶରେ ବ୍ୟଥିତ ହୋଇ ଉତ୍ତରଦାତା କଲିକତାସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣରେ ଏକ ମୂଳ ଆବେଦନ ଦାୟର କରିଲେ । ନ୍ୟାୟାଧିକରଣଙ୍କ ମତରେ, ଯେହେତୁ ନିୟମାବଳୀର ନିୟମ 21 (ii) ଅଧୀନରେ ଉତ୍ତରଦାତା "ପୁନଃ-ନିଯୁକ୍ତ" ହୋଇନାହାଁନ୍ତି, ତେଣୁ ସେ ଦରମା ଏବଂ ପାରିବାରିକ ପେନସନ ଉଭୟ ଉପରେ ମହଙ୍ଗା ଭତ୍ତା ପାଇବା ପାଇଁ ହକଦାର ଥିଲେ । ପରିଣାମସ୍ୱରୂପ, ମୂଳ ଆବେଦନ ମଞ୍ଜୁର କରାଗଲା । ଏହି ଆଦେଶ ବିରୁଦ୍ଧରେ ଅପିଲକାରୀମାନେ ଏହି ନ୍ୟାୟାଳୟରେ ଅପିଲ କରିଛନ୍ତି ।

ରେଳ ସେବା (ପେନସନ) ନିୟମାବଳୀ, 1993 ର ନିୟମ 21 ରେ ନିମ୍ନମତେ କୁହାଯାଇଛି:

*"ନିୟମ 21 - ପେନସନ କିମ୍ବା ପାରିବାରିକ ପେନସନ ଉପରେ ମହଙ୍ଗା ଭତ୍ତା*

*(i) …………….*

*(ii) ଯଦି ଜଣେ ପେନସନଭୋଗୀ ଭାରତ କିମ୍ବା ବିଦେଶରେ କେନ୍ଦ୍ର କିମ୍ବା କୌଣସି ରାଜ୍ୟ ସରକାର କିମ୍ବା ଏଭଳି ସରକାରଙ୍କ ଅଧୀନରେ ଥିବା କୌଣସି ନିଗମ, କମ୍ପାନୀ, ସଂସ୍ଥା କିମ୍ବା ବ୍ୟାଙ୍କରେ ପୁନଃ-ନିଯୁକ୍ତ ହୁଅନ୍ତି, ଯେଉଁଥିରେ ଏଭଳି ନିଗମ, କମ୍ପାନୀ, ସଂସ୍ଥା କିମ୍ବା ବ୍ୟାଙ୍କରେ ସ୍ଥାୟୀ ମିଶ୍ରଣ ଅନ୍ତର୍ଭୁକ୍ତ, ସେ ଏହିପରି ପୁନଃ-ନିଯୁକ୍ତି ସମୟ ମଧ୍ୟରେ ପେନସନ କିମ୍ବା ପାରିବାରିକ ପେନସନ ଉପରେ ମହଙ୍ଗା ଭତ୍ତା ପାଇବାକୁ ଯୋଗ୍ୟ ହେବେ ନାହିଁ ।"*

ଉକ୍ତ ନିୟମ ଆଧାରରେ ଅପିଲକାରୀଙ୍କ ଅଧିବକ୍ତା ଯୁକ୍ତି କରିଛନ୍ତି ଯେ ଉତ୍ତରଦାତା ରେଳବାଇର କର୍ମଚାରୀ ହୋଇଥିବାରୁ, ତାଙ୍କୁ ଦିଆଯାଉଥିବା ପାରିବାରିକ ପେନସନ ଉପରେ ସେ ମହଙ୍ଗା ଭତ୍ତା ପାଇବାକୁ ହକଦାର ନୁହଁନ୍ତି । ଅନ୍ୟପକ୍ଷରେ ଉତ୍ତରଦାତାଙ୍କ ଅଧିବକ୍ତାଙ୍କ ଯୁକ୍ତି ହେଉଛି ଯେ ଏହା ପୁନଃ-ନିଯୁକ୍ତିର ମାମଲା ନୁହେଁ ବରଂ ରେଳବାଇରେ ପ୍ରଥମ ନିୟମିତ ନିଯୁକ୍ତିର ମାମଲା ଏବଂ ତେଣୁ ବର୍ତ୍ତମାନର ପରିପ୍ରେକ୍ଷୀରେ ନିୟମ 21 ପ୍ରଯୁଜ୍ୟ ନୁହେଁ ଏବଂ ସେ ତାଙ୍କ ଦ୍ୱାରା ପ୍ରାପ୍ତ ଦରମା ଏବଂ ପାରିବାରିକ ପେନସନ ଉଭୟ ଉପରେ ମହଙ୍ଗା ଭତ୍ତା ପାଇବାକୁ ହକଦାର ।

ଏହା ସୁବିଦିତ ଯେ ମୂଲ୍ୟ ସୂଚକାଙ୍କ ବୃଦ୍ଧି ବିରୁଦ୍ଧରେ କର୍ମଚାରୀମାନଙ୍କୁ କ୍ଷତିପୂରଣ ଦେବା ପାଇଁ ମହଙ୍ଗା ସହାୟତା ବା ଭତ୍ତା ପ୍ରଦାନ କରାଯାଏ । ଏଠାରେ ପ୍ରଶ୍ନ ଉଠୁଛି ଯେ, ଏଭଳି ଜଣେ କର୍ମଚାରୀ ଦୁଇଟି ମହଙ୍ଗା ଭତ୍ତା, ଅର୍ଥାତ୍ ଗୋଟିଏ ଦରମା ଉପରେ ଏବଂ ଅନ୍ୟଟି ତାଙ୍କୁ ପ୍ରଦତ୍ତ ପାରିବାରିକ ପେନସନ ଉପରେ, ପାଇବା ପାଇଁ ହକଦାର କି ନୁହେଁ ।

ଆମେ ପକ୍ଷମାନଙ୍କ ବିଜ୍ଞ ଅଧିବକ୍ତାଙ୍କ ଯୁକ୍ତି ଶୁଣିଲୁ। ନିୟମ 21 (ii) ର ଅନୁଧ୍ୟାନରୁ ଜଣାପଡ଼େ ଯେ ଏହି ନିୟମ ପ୍ରଣୟନ ପଛର ଉଦ୍ଦେଶ୍ୟ ହେଉଛି, ଯଦି ଜଣେ ପେନସନଭୋଗୀ ପୁନଃ-ନିଯୁକ୍ତି ଗ୍ରହଣ କରନ୍ତି, ତେବେ ସେ ଏକସଙ୍ଗେ ଦୁଇଟି ମହଙ୍ଗା ଭତ୍ତା ଉପଭୋଗ କରିପାରିବେ ନାହିଁ - ଗୋଟିଏ ତାଙ୍କ ପେନସନ ଉପରେ ଏବଂ ଅନ୍ୟଟି ଦରମା ଉପରେ - ଏବଂ ତେଣୁ ଏଭଳି ସ୍ଥିତିରେ ପେନସନ ଉପରେ ମହଙ୍ଗା ଭତ୍ତାକୁ ମନା କରାଯାଇଛି । ଏହା ଅବିବାଦିତ ଯେ ଉତ୍ତରଦାତା ପାରିବାରିକ ପେନସନ ପାଉଛନ୍ତି ଏବଂ ତେଣୁ ସେ ଜଣେ ପେନସନଭୋଗୀ । ଏହି ନିୟମର ଉଦ୍ଦେଶ୍ୟ ତାହା ହୋଇଥିବାରୁ, ଆମକୁ ନିୟମ 21 (ii) ରେ ଥିବା "ପୁନଃ-ନିଯୁକ୍ତ" ଶବ୍ଦକୁ ଏକ ବ୍ୟାପକ ଅର୍ଥ ପ୍ରଦାନ କରିବାକୁ ହେବ । "ପୁନଃ-ନିଯୁକ୍ତ" ଅଭିବ୍ୟକ୍ତିଟିକୁ ଯଦି ନିୟମ ପଛରେ ଥିବା ଉଦ୍ଦେଶ୍ୟ ଏବଂ ଏହି ମାମଲାର ତଥ୍ୟ ସାହାଯ୍ୟରେ ବ୍ୟାଖ୍ୟା କରାଯାଏ, ତେବେ ଏହା ସେବାରେ ପ୍ରଥମ ନିୟମିତ ନିଯୁକ୍ତିକୁ ମଧ୍ୟ ଅନ୍ତର୍ଭୁକ୍ତ କରିବ ।

*ଭାରତ ସଂଘ ଏବଂ ଅନ୍ୟମାନେ ବନାମ ଜି. ବାସୁଦେବନ ପିଲ୍ଲେ ଏବଂ ଅନ୍ୟମାନେ,* [1995] 2 SCC 32 ମାମଲାରେ ଏହି ନ୍ୟାୟାଳୟ ରାୟ ଦେଇଥିଲେ:

> *"କେତେକ ମାମଲାରେ, ଆମେ ପୂର୍ବତନ ସୈନିକମାନଙ୍କ ବିଧବାମାନଙ୍କ ଭଳି ନିର୍ଭରଶୀଳମାନଙ୍କ ନିଯୁକ୍ତି ଉପରେ ପାରିବାରିକ ପେନସନରେ ମହଙ୍ଗା ଭତ୍ତାକୁ ମନା କରିବା ସହିତ ଜଡ଼ିତ । ପୁନଃ-ନିଯୁକ୍ତି ସମୟରେ ପେନସନ ଉପରେ ମହଙ୍ଗା ଭତ୍ତାକୁ ମନା କରିବା ସମ୍ବନ୍ଧରେ ଉପରେ ଯାହା କୁହାଯାଇଛି, ତାହାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତିକୁ ବଜାୟ ରଖିବାକୁ ହେବ, ଯେହେତୁ ସେହି ସନ୍ଦର୍ଭରେ ଉଲ୍ଲେଖ କରାଯାଇଥିବା ସରକାରୀ ଦସ୍ତାବିଜଗୁଡ଼ିକ ମଧ୍ୟ ନିଯୁକ୍ତି ସମୟରେ ପାରିବାରିକ ପେନସନ ଉପରେ ମହଙ୍ଗା ଭତ୍ତା ମନା କରିବା ବିଷୟରେ ଉଲ୍ଲେଖ କରିଛନ୍ତି । ଏହି ନିଷ୍ପତ୍ତିର ଯଥାର୍ଥତା ହେଉଛି ନିର୍ଭରଶୀଳମାନଙ୍କୁ ନିଯୁକ୍ତି ପରେ ମିଳୁଥିବା ଦରମା ଉପରେ ମହଙ୍ଗା ଭତ୍ତା ମିଳିବା, ଯେଉଁଥିପାଇଁ ପାରିବାରିକ ପେନସନ ଉପରେ ମହଙ୍ଗା ଭତ୍ତାକୁ ଯଥାର୍ଥ ଭାବରେ ମନା କରାଯାଇପାରିବ, ଯେପରି କରାଯାଇଛି ।"*

*ଭାରତ ସଂଘ ଏବଂ ଅନ୍ୟମାନେ* (ଉପରୋକ୍ତ) ମାମଲାର ନିଷ୍ପତ୍ତିର ମର୍ମ ହେଉଛି ଯେ ଜଣେ ପେନସନଭୋଗୀ ଦୁଇଟି ମହଙ୍ଗା ଭତ୍ତା ପାଇପାରିବେ ନାହିଁ - ଗୋଟିଏ ଦରମା ଉପରେ ଏବଂ ଅନ୍ୟଟି ପେନସନ ଉପରେ । ଥରେ ଏହା ସ୍ୱୀକାର କରିବା ପରେ ଯେ ଉତ୍ତରଦାତା ଜଣେ ପେନସନଭୋଗୀ, ପେନସନଭୋଗୀଙ୍କର ଏହିପରି ନିଯୁକ୍ତି ପ୍ରଥମ, ନିୟମିତ କିମ୍ବା ଅସ୍ଥାୟୀ ନିଯୁକ୍ତି ଅଥବା ପୁନଃ-ନିଯୁକ୍ତି କି ନାହିଁ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଏଭଳି ଆଇନଗତ ସ୍ଥିତିକୁ ଦୃଷ୍ଟିରେ ରଖି, ଉତ୍ତରଦାତାଙ୍କ ମାମଲା ଉକ୍ତ ନିୟମାବଳୀର ନିୟମ 21 ର ଧାରା (ii) ର ପରିସରଭୁକ୍ତ ହେବ । ଉତ୍ତରଦାତା ଚାକିରି କାଳରେ ମୃତ୍ୟୁବରଣ କରିଥିବା ଜଣେ କର୍ମଚାରୀଙ୍କ ବିଧବା ହୋଇଥିବାରୁ, ତାଙ୍କୁ ରେଳବାଇରେ ଅନୁକମ୍ପାମୂଳକ ଭିତ୍ତିରେ ନିଯୁକ୍ତି ଦିଆଯାଇଥିଲା । ବୈଷୟିକ ଭାବରେ ଉତ୍ତରଦାତା ତାଙ୍କ ସ୍ୱାମୀଙ୍କ ସ୍ଥାନରେ ନିଯୁକ୍ତି ପାଇଛନ୍ତି । ଏଥି ସହିତ, ରେଳବାଇ ତାଙ୍କୁ ପାରିବାରିକ ପେନସନ ପ୍ରଦାନ କରିଛି ଏବଂ ସେହି ଅନୁଯାୟୀ ସେ ଜଣେ ପେନସନଭୋଗୀ ଅଟନ୍ତି । ତେଣୁ, ଏଭଳି ପରିସ୍ଥିତିରେ ନିୟମ 21 ପ୍ରଯୁଜ୍ୟ ହେବ ଏବଂ ଉତ୍ତରଦାତା ଜଣେ ପେନସନଭୋଗୀ ହୋଇଥିବାରୁ ଉକ୍ତ ନିୟମାବଳୀ ଦ୍ୱାରା ପରିଚାଳିତ ହେବେ । ପରିଣାମସ୍ୱରୂପ, ଉତ୍ତରଦାତା ଆଇନଗତ ଭାବେ ଦୁଇଟି ମହଙ୍ଗା ଭତ୍ତା ପାଇବାକୁ ହକଦାର ନଥିଲେ - ଗୋଟିଏ ଦରମା ଉପରେ

ଏବଂ ଅନ୍ୟଟି ତାଙ୍କୁ ପ୍ରଦତ୍ତ ପାରିବାରିକ ପେନସନ ଉପରେ । ତେଣୁ, ଆମର ମତ ଯେ ଅପିଲକାରୀମାନେ ଉତ୍ତରଦାତାଙ୍କୁ ତାଙ୍କ ପାରିବାରିକ ପେନସନ ଉପରେ ମହଙ୍ଗା ଭତ୍ତା ପ୍ରଦାନ ନ କରିବା ପାଇଁ ଆଇନଗତ ଭାବେ ଯଥାର୍ଥ ।

ଉତ୍ତରଦାତାଙ୍କ ବିଜ୍ଞ ଅଧିବକ୍ତା ଏହା ପରେ ଯୁକ୍ତି କରିଲେ ଯେ କୌଣସି ପରିସ୍ଥିତିରେ ଅପିଲକାରୀମାନେ 26.1.87 ରୁ 25.1.94 ମଧ୍ୟରେ ଉତ୍ତରଦାତାଙ୍କୁ ପ୍ରଦତ୍ତ ପାରିବାରିକ ପେନସନ ଉପରେ ମହଙ୍ଗା ଭତ୍ତା ରାଶି ପୁନରୁଦ୍ଧାର କରିବାକୁ ହକଦାର ନୁହଁନ୍ତି । ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା 1993 ମସିହା ପୂର୍ବରୁ କୌଣସି ବିଜ୍ଞପ୍ତି କିମ୍ବା ନିୟମ ଆମ ଦୃଷ୍ଟିକୁ ଆଣିନାହାଁନ୍ତି । ନିୟମ 21 ସେହି ନିୟମାବଳୀର ଅଂଶବିଶେଷ ଯାହା 1993 ମସିହାରେ ପ୍ରକାଶିତ ହୋଇଥିଲା । ତେଣୁ, ଉତ୍ତରଦାତାଙ୍କୁ ପେନସନ ଉପରେ ପ୍ରଦତ୍ତ ମହଙ୍ଗା ଭତ୍ତା ସ୍ୱେଚ୍ଛାକୃତ ଭାବେ ଏବଂ ଏହି ସମ୍ବନ୍ଧରେ ଏକ ସଚେତନ ନିଷ୍ପତ୍ତି ନିଆଯିବା ପରେ ହିଁ ଦିଆଯାଇଥିବା ପରି ମନେହୁଏ । ଏବଂ କେବଳ 1993 ନିୟମାବଳୀ ପ୍ରଣୟନ ହେବା ପରେ ହିଁ ତାଙ୍କ ପେନସନ ପୁନଃ-ନିର୍ଦ୍ଧାରଣ ଏବଂ ତାଙ୍କୁ ପ୍ରଦତ୍ତ ଅଧିକ ପାରିବାରିକ ପେନସନ ରାଶି ପୁନରୁଦ୍ଧାର ପାଇଁ ଆଦେଶ ଜାରି କରାଯାଇଥିଲା। ଅଧିକନ୍ତୁ, ଏହା ଦର୍ଶାଯାଇଛି ଯେ ଉତ୍ତରଦାତା ଜଣେ ବିଧବା ଏବଂ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଏବଂ ତାଙ୍କର ଆର୍ଥିକ ଅବସ୍ଥା ଏପରି ନୁହେଁ ଯେ ସେ ପୂର୍ବରୁ ପାଇଥିବା ଅଧିକ ରାଶି ଫେରସ୍ତ କରିପାରିବେ । ଏଭଳି ପରିସ୍ଥିତିରେ, ଆମର ମତ ଯେ ଉତ୍ତରଦାତାଙ୍କୁ ପ୍ରଦତ୍ତ ଅଧିକ ପେନସନ ରାଶିର ପୁନରୁଦ୍ଧାର ଆଇନଗତ ଏବଂ ନ୍ୟାୟିକ ଆଧାରରେ ଯଥାର୍ଥ ନୁହେଁ ।

ଉପରୋକ୍ତ କାରଣଗୁଡ଼ିକ ପାଇଁ, ଅପିଲ ଅଧୀନରେ ଥିବା ରାୟ ଏବଂ ଆଦେଶକୁ ବାତିଲ କରାଯାଇଛି । ଅପିଲଟିକୁ ମଞ୍ଜୁର କରାଗଲା । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ଦିଆଯାଇନାହିଁ ।

ଟି.ଏନ୍.ଏ. ଅପିଲ ମଞ୍ଜୁର ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଭାଷାନ୍ତର :*

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**